# ପୌରପାଳିକା କାର୍ଯ୍ୟାଳୟ, ଅନୁଗୋଳ

## ନୋଟିସ୍

ନଂ ୯୪୪୦ ତା ୨୧/୧୧/୨୦୧୯

ଏତଦ୍ବାରା ପୌରପାଳିକା ଅଞ୍ଚଳରେ ବାସ କରୁଥିବା ଅଧିବାସୀମାନଙ୍କୁ ଜଣାଇ ଦିଆଯାଉ ଅଛି ଯେ, ପୌରପାଳିକା ତରଫରୁ ଶିମିଳିପଡା ମାର୍କେଟ କମ୍ପ୍ଲେକ୍ସରେ ଉପର ମହଲା ୬(ଛଅ)ଗୋଟି ଦୋକାନ ଘର ନିର୍ମାଣ କରାଯାଇଥିଲା ।ତେଣୁ ଉକ୍ତ ଦୋକାନ ଘର ଗୁଡିକ ଲଟେରୀ ମାଧ୍ୟମରେ ଆବଣ୍ଟନ କରାଯିବା ପାଇଁ ତା ୨୫/୧୧/୨୦୧୯ରିଖ ଠାରୁ ତା୦୨/୧୨/୨୦୧୯ରିଖ ପର୍ଯ୍ୟନ୍ତ ଘ.୧୧.୦୦ ଠାରୁ ଘ.୫.୦୦ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଆବେଦନ ପତ୍ର ଗ୍ରହଣ କରାଯିବ ।ଏଣୁ ଇଚ୍ଛୁକ ବ୍ୟକ୍ତି ନିମ୍ନଲିଖିତ ସର୍ତ୍ତ ଅନୁସାରେ ପୌରପାଳିକାରୁ ଫର୍ମ ନେଇ ଆବେଦନ କରିପାରିବେ । ପ୍ରକାଶ ଥାଉ କି ଗୃହ ଓ ନଗର ଉନ୍ନୟନ ବିଭାଗ ପତ୍ର ସଂଖ୍ୟା ୧୬୨୬୩ ତା୧୧/୦୭/୨୦୦୮ରିଖ ସର୍ତ୍ତାବଳୀ ଅନୁସାରେ ଆବଣ୍ଟନ କରାଯିବ ।

୧) ଆବେଦନକାରୀ ଅନୁଗୋଳ ପୌରପାଳିକାର ଅଧିବାସୀ ହୋଇଥିବା ଆବଶ୍ୟକ ।

୨) କାର୍ଯ୍ୟାଳୟରେ ଟ.୧୦୦୦.୦୦ଙ୍କା ଦାଖଲ କରି ଆବେଦନ ପତ୍ର ଗ୍ରହଣ କରିପାରିବେ ।ଉକ୍ତ ଅର୍ଥ ଫେରସ୍ତ ହେବ ନାହିଁ ।

୩) ଆବେଦନକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ,ଅନୁଗୋଳ ପୌରପାଳିକା ନାମରେ ଟ.୩୦,୦୦୦.୦୦ଙ୍କାର ବ୍ୟାଙ୍କ ଡ୍ରାଫ୍ଟ ଅମାନତ ଆକାରରେ ଦାଖଲ୍ କରିବେ । ଯେଉଁ ଆବେଦନକାରୀ ଦୋକାନ ଘର ପାଇବାରୁ ବଞ୍ଚିତ ହେବେ, ସେମାନଙ୍କୁ ବିନା ସୁଧରେ ଉକ୍ତ ଅର୍ଥ ଫେରସ୍ତ ଦିଆଯିବ ।ଏଥିସହିତ ଭୋଟ ପରିଚୟ ପତ୍ର/ ଆଧାର କାର୍ଡ ଏବଂ ଗୋଟିଏ ପାସପୋର୍ଟ ସାଇଜ ଫଟୋ ସଂଲଗ୍ନ କରିବା ଆବଶ୍ୟକ ନଚେତ୍ ଆବେଦନ ପତ୍ର ରଦ୍ଦ କରାଯିବ ।

୪) ଯେଉଁ ଆବେଦନକାରୀଙ୍କ ନାମରେ ଦୋକାନ ଗୃହ ଆବଣ୍ଟନ କରାଯିବ ପୌରପାଳିକାର ନିଷ୍ପତ୍ତି ଅନୁଯାଇ ଅମାନତ ଟଙ୍କା ଦୋକାନ ଘର ନିର୍ଦ୍ଧାରିତ ମୂଲ୍ୟ ବାବଦକୁ କାର୍ଯ୍ୟାଳୟରେ ପଇଠ କରିବେ ।

୫) ସରକାରଙ୍କ ପତ୍ର ସଂଖ୍ୟା ୧୬୨୬୩ ତା ୧୧/୦୭/୨୦୦୮ରିଖ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାପାଳଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦୋକାନଘର ଆବଣ୍ଟନରେ ସ୍ବଚ୍ଛତା ନିମନ୍ତେ ଲଟେରୀ ମାଧ୍ୟମରେ ଦୋକାନ ଗୃହ ଆବଣ୍ଟନ କରାଯିବ ।

୬) ଆବେଦନକାରୀ ପୌର କର୍ତ୍ତୃପକ୍ଷଙ୍କୁ କୌଣସି କୋର୍ଟରେ ପକ୍ଷଭୁକ୍ତ କରିପାରିବେ ନାହିଁ ।

୭) ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଆବେଦନ ପତ୍ରକୁ ବିଚାରକୁ ନିଆଯିବ ନାହିଁ ।

୮) ଯେଉଁ ବ୍ୟକ୍ତିଙ୍କ ନାମରେ ପୌରପାଳିକାରେ ଦୋକାନ ଗୃହ ଥିବ ସେହି ବ୍ୟକ୍ତି ଉକ୍ତ ଦୋକାନ ଗୃହ ପାଇଁ ଆବେଦନ କରିପାରିବେ ନାହିଁ ।

୯) କୌଣସି କାରଣ ନ ଦର୍ଶାଇ କୌଣସି ଆବେଦନ ପତ୍ର କିମ୍ବା ସମସ୍ତ ଆବେଦନ ପତ୍ର ଗୁଡିକୁ ନାକଚ କରିବା ସଙ୍ଗେ ସଙ୍ଗେ ଉକ୍ତ ବିଜ୍ଞାପନକୁ ରାଜି କରିବାର ସମସ୍ତ ଅଧିକାର ପୌର କର୍ତ୍ତୃପକ୍ଷଙ୍କ ନିକଟରେ ସଂରକ୍ଷିତ ରହିବ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପାଳିକା,ଅନୁଗୋଳ